## ପୌର ରାଜନୀତି ଚଳଚଞ୍ଚଳ

ପାରଳାଖେମୁଣ୍ଡି, (ଡି.ଏନ୍.ଏ.)ପାରଳାଖେମୁଣ୍ଡି ପୌର ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଗତ ବୁଧବାରଠାରୁ ଆରମ୍ଭ ହୋଇଛି। ନିର୍ବାଚନ ପାଇଁ ସହର ରାଜନୀତି ଚଳଚଞ୍ଚଳ ହୋଇପଡିଛି। ପାରଳା ସହରରେ ମୋଟ ୧୬ ଟି ୱାର୍ଡ । ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ୧୬ଟି ୱାର୍ଡ କାଉନସିଲର ଏବଂ ଅଧ୍ୟକ୍ଷା ପଦବୀ ପାଇଁ ପ୍ରାର୍ଥୀ ଖୋଜା ଚାଲିଛି। କେତେକ ଆଶାୟୀ ପାର୍ଥୀ ପୌର କାର୍ଯ୍ୟାଳୟରୁ ସେମାନଙ୍କ ଫର୍ମ କିଣି ନେଇଛନ୍ତି । ଅନ୍ୟପକ୍ଷରେ ସିଧାସଳଖ ନିର୍ବାଚନ ହେଉଥିବା ପାରଳା ପୌର ଅଧ୍ୟକ୍ଷା ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ୩ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଖଗେଶ୍ୱରୀ ବେହେରା ଫର୍ମ କିଣି ନେଇଛନ୍ତି।



# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧ ଲକ୍ଷଙ୍କୁ ୧୦୦ ଦିନର କାମ

## ଦେଶରେ ଗଞ୍ଜାମ ପ୍ରଥମ

ଛତ୍ରପୁର,୩।୩(ଡି.ଏନ.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍‌)ରେ ଗଞ୍ଜାମ ଜିଲା ପ୍ରଶାସନ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୧୦୦ ଦିନର କାମ ଯୋଗାଇଛି। ଯାହାକି ଓଡିଶା ଇତିହାସରେ ଗଞ୍ଜାମ ରେକର୍ଡ ସୃଷ୍ଟି କରିଛି । ଏଥିସହ ୧୦୦ ଦିନ କାମ ଯୋଗାଇବାରେ ଭାରତରେ ଗଞ୍ଜାମ ଜିଲା ପ୍ରଥମ ସ୍ଥାନରେ ରହିଛି । ଏହି ସଫଳତା ପାଇଁ ଡିଆର୍‌ଡିଏ ଟିମ୍ ଓ ଜିଲାର ସମସ୍ତ ୨୨ ବ୍ଲକର ବିଡିଓ ଟିମ୍‌କୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶ୍ରେୟ ଦେଇଛନ୍ତି। ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ଅଧିକରୁ ଅଧିକ ପରିବାରକୁ କାମ ଯୋଗାଇବା ସହ ଉନ୍ନୟନମୂଳକ କାର୍ଯ୍ୟ ଓ ଭିତ୍ତିଭୂମି ସୁଦୃଢ କରିବା ଲାଗି ଯୋଜନା କରି ତ୍ୱରାନ୍ୱିତ କରାଯାଉଥିବା ଡିଆର୍‌ଡିଏ ପିଡି ସିନ୍ଧେ ଦତାତ୍ରେୟ ଭାଉସାହେବ କହିଛନ୍ତି। ମିଳିଥିବା ସୂଚନା ଅନୁସାରେ, ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦେଶରେ ଗଞ୍ଜାମ ଜିଲା ୧ ଲକ୍ଷ ୧ ହଜାର ୧ ପରିବାରଙ୍କୁ ଶହେ ଦିନର କାମ ଯୋଗାଇ ପ୍ରଥମ ସ୍ଥାନରେ ଥିବାବେଳେ ରାଜସ୍ଥାନର ବାରମେର ଜିଲା ଦ୍ୱିତୀୟ ସ୍ଥାନରେ ରହିଛି। ଭାରତର ୪୦ଟି ସ୍ଥାନ ମଧ୍ୟରେ ୧୪ତମ ସ୍ଥାନରେ ଓଡିଶାର ସୁନ୍ଦରଗଡ଼, ୧୫ ତମ ସ୍ଥାନରେ ବଲାଙ୍ଗୀର, ୨୬ ତମରେ କନ୍ଧମାଳ, ୩୭ତମ ସ୍ଥାନରେ କୋରାପୁଟ ରହିଛି। ଏସବୁ ଜିଲାର ଗ୍ରାମାଞ୍ଚଳରେ ଏମଜିଏନଆରଜିଏସ୍‌ରେ ଲୋକଙ୍କୁ କାମ ଯୋଗାଇ ସେମାନଙ୍କ ଜୀବନଜୀବିକାକୁ ସୁଦୃଢ କରାଯାଇପାରିଛି। କୋଭିଡ୍-୧୯ ଯୋଗୁ ଗଞ୍ଜାମକୁ ଲକ୍ଷାଧିକ ପ୍ରବାସୀ ଫେରିଥିଲେ। ସେମାନଙ୍କ ଜୀବନଜିବୀକାକୁ ନଜର ରଖି ଏମଜିଏନଆରଇଜିଏସରେ ଅଧିକରୁ ଅଧିକ କାମ ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଗ୍ରାମାଞ୍ଚଳ ଲୋକଙ୍କୁ ଏମଜିଏନ୍‌ଆର୍‌ଇଜିଏସ୍‌ରେ କାମ ଯୋଗାଇ ଆସୁଛି। ଏଥିସହ ଜିଲାରେ ଏହି ଯୋଜନା ମାଧ୍ୟମରେ କୋଠା, ରାସ୍ତା, ପୋଖରୀ ଆଦି ନିର୍ମାଣ ସହ ଉନ୍ନତୀକରଣ କରାଯାଇଛି । କେବଳ ସେତିକି ନୁହେଁ ଏହି ଯୋଜନାରେ ଦେଶୀ କୁକୁଡା ଓ ଗାଈ ପାଳନ, ଗାଈ ଗୁହାଳ, ଗଭୀର ନଳକୂପ, ଗ୍ରାମାଞ୍ଚଳ ଯୋଗାଯୋଗ, ଖେଳପଡିଆ, ମଶାଣି, ଅଙ୍ଗନୱାଡି କେନ୍ଦ୍ର, ଗ୍ରାମାଞ୍ଚଳ ପାର୍କ, ଲାଇବ୍ରେରୀ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଲୋକେ ଏହି ଯୋଜନାରେ ମୋ ଉପକାରୀ ବଗିଚା, କୁକୁଡା ଫାର୍ମ, ଗାଈ ଫାର୍ମ, ଛେଳି ଫାର୍ମ, କମ୍ପୋଷ୍ଟ ପିଟ୍ ଓ ଜୈବିକ ସାର ଉତ୍ପାଦନ, ବହୁମୁଖୀ ଫାର୍ମ ପଣ୍ଡ, ଗୋ ଖାଦ୍ୟ ପ୍ରସ୍ତୁତି ଆଦି କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରି ପାରୁଛନ୍ତି। ଗ୍ରାମାଞ୍ଚଳର ଶ୍ରମିକମାନଙ୍କୁ କାମ ଯୋଗାଇବା ସହ ନିର୍ଦ୍ଧାରିତ ସମୟରେ ବିଭିନ୍ନ ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରଖି କାର୍ଯ୍ୟ ଚାଲିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଉଛି ।

## ସଂକ୍ଷେପରେ

### ରାଜନୈତିକ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ

### ୪ଗୁରୁତର, ୪ ମାମଲା

ଗୋପାଳପୁର,୩।୩(ଡି.ଏନ.ଏ.):ପୂର୍ବ ଶତ୍ରୁତା ଓ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଗଞ୍ଜାମ ଜିଲା ପିତାତଳି ଗ୍ରାମରେ ବୁଧବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ବୋମା ଓ ପଥର ମାଡ଼ ହୋଇ ୪ ଜଣ ଗୁରୁତର ହୋଇଥିଲେ। ଜଣେ ନାବାଳକ, ଏସ୍.କୁରା ରେଡ୍ଡୀ, କେ.ପଲେୟା ଓ କେ.ନକରାଜୁ ଗୁରୁତର ହୋଇଥିବା ବେଳେ ସେମାନେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଏନେଇ ଗୋଳନ୍ଥରା ଥାନାରେ ପୃଥକ ପୃଥକ୍ ଭାବେ ୪ଟି ମାମଲା ରୁଜୁ ହୋଇଛି। ପିତାତଳି ଗ୍ରାମରେ ପଞ୍ଚାୟତ ନିର୍ବାଚନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଗତ ବୁଧବାର ରାତିରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ ଗ୍ରାମରେ ଶୋଭାଯାତ୍ରା କରିଥିଲେ। ବିପକ୍ଷ ଗୋଷ୍ଠୀର ଜଣେ ନାବାଳକ ଶୋଭାଯାତ୍ରା ସ୍ଥାନରେ ଛିଡ଼ା ହୋଇଥିଲେ। ଏହି ସମୟରେ ବିଜୟୀ ଦଳର ସମର୍ଥକମାନେ ନାବାଳକଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ପରେ ସେ ଗୁରୁତର ହୋଇ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। ଘଟଣା ପରେ ଗ୍ରାମରେ ବିପକ୍ଷ ଗୋଷ୍ଠୀ ଓ ବିଜୟୀ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇ ୧୦ରୁ ଉର୍ଦ୍ଧ୍ୱ ବୋମା ବର୍ଷଣ ହୋଇଥିଲା। ଏଥିସହ ଉଭୟ ଗୋଷ୍ଠୀ ମଧ୍ୟରେ କାତି, ଖଣ୍ଡା, ଠେଙ୍ଗା ଦ୍ୱାରା ଆକ୍ରମଣ ପ୍ରତି ଆକ୍ରମଣ ସହ ଘର ଉପରକୁ ପଥର ମାଡ଼ ଓ ଗାଡ଼ି ଭଙ୍ଗାରୁଜା ହୋଇଥିଲା। କିଛି ସମୟ ପାଇଁ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର, ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିବା ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଗୁରୁବାର ସନ୍ଧ୍ୟା ସୁଦ୍ଧା ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ଏନେଇ ଉପେନ୍ଦ୍ର ସେଠୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ୮୧/୨୨ରେ ଆଟ୍ରୋସିଟି ମାମଲା ରୁଜୁ କରି ୧୬ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେହିପରି ପି.ଚନ୍ଦ୍ରାମ୍ମାଙ୍କ ଅଭିଯୋଗ ପ୍ରକାରେ ନଂ.୮୨/୨୨ରେ ମାମଲା ରୁଜୁ କରି ୧୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ଏସ.ମେନକା ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ନଂ.୮୩/୨୨ରେ ମାମଲା ରୁଜୁ କରି ପୋଲିସ ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏସ୍ ଦମୟନ୍ତୀ ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୮୪/୨୨ରେ ମାମଲା ରୁଜୁ ହୋଇଛି ।

### ଶୁଆଧରା ଭିଡିଓରେ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୩(ବ୍ୟୁରୋ): କନ୍ଧମାଳ ଜିଲାରେ ଗଛ କୋରଡରୁ ଶୁଆ ଶାବକଙ୍କୁ ଅତି ଅମାନୁଷିକ ଭାବେ ଉଠାଇ ନିଆଯାଉଥିବା ଭିଡିଓ ଭାଇରାଲ ହେବା ପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ। ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ୱାଇଲ୍ଡଲାଇଫ୍ କଞ୍ଜରଭେସନ ଅଫିସରଙ୍କ ପକ୍ଷରୁ ଗୁରୁବାର କନ୍ଧମାଳର ଫୁଲବାଣୀ ବନଖଣ୍ଡ ଓ ବାଲିଗୁଡା ବନଖଣ୍ଡ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରିପୋର୍ଟ ଦେବା ପାଇଁ ଦୁଇ ଡିଏଫ୍‌ଓଙ୍କୁ ଚିଠି ଦିଆଯାଇଛି।

### ଗଜପତିରେ ଇତିହାସ ରଚିଲା ବିଜେଡି

ପାରଳାଖେମୁଣ୍ଡି, ୩।୩(ଡି.ଏନ.ଏ): ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଗଜପତି ଜିଲାରେ ନୂଆ ଇତିହାସ ରଚିଛି। ଜିଲାର ମୋଟ ୧୪ଟି ଜିଲା ପରିଷଦ ଆସନରୁ ଦଳ ୧୧ଟିରେ ବିଜୟ ଲାଭ କରିଛି । ଅନ୍ୟ ୩ଟି ଆସନ ମଧ୍ୟରୁ ୨ଟିରେ କଂଗ୍ରେସ ଓ ଗୋଟିଏ ଆସନରେ ଭାଜପା ପ୍ରାର୍ଥୀ ହାତଗଣତି ଭୋଟ ବ୍ୟବଧାନରେ ଜିତିବାରେ ସକ୍ଷମ ହୋଇଛନ୍ତି। ଗତ ୨୦୧୭ ଜିଲା ପରିଷଦ ନିର୍ବାଚନରେ ବିଜେଡି ମାତ୍ର ୫ଟି ଆସନରେ ବିଜୟ ହାସଲ କରିଥିବା ବେଳେ ଭାଜପା ୩ଟି ଏବଂ କଂଗ୍ରେସ ସର୍ବାଧିକ ୬ଟି ଆସନ ଅକ୍ତିଆର କରିଥିଲା । ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ଜିଲାର ଥିବା ୨ଟି ନିର୍ବାଚନ ମଣ୍ଡଳୀ ପାରଳାଖେମୁଣ୍ଡିରେ ଭାଜପା ଓ ମୋହନା ଆସନଟି କଂଗ୍ରେସ ଦଖଲ କରିଥିଲା । ତେବେ ଗତ ୨ଟି ନିର୍ବାଚନରେ ଜିଲାରେ ବିଜେଡିର ସ୍ଥିତି ସେଭଳି ଭଲ ନ ଥାଇ ବି ଚଳିତ ନିର୍ବାଚନରେ ସର୍ବାଧିକ ୧୧ଟି ଆସନ ଦଖଲ କରିଛି। ଦଳର ସଫଳତା ନେଇ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ପ୍ରଦୀପ ନାୟକ, ଡ.ତିରୁପତି ପାଣିଗ୍ରାହୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନୟନମୂଳକ ଯୋଜନା ଓ ଲୋକହିତକର କାର୍ଯ୍ୟରେ ଗ୍ରାମାଞ୍ଚଳର ଲୋକେ ସନ୍ତୁଷ୍ଟ ହୋଇ ଠିକ ରାୟ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସମସ୍ତଙ୍କ ସହଯୋଗରେ ଏଭଳି ସଫଳତା କାମନା କରି ସମସ୍ତଙ୍କୁ କୃତଜ୍ଞତା ଜଣାଉଛୁ ବୋଲି କହିଛନ୍ତି।

# ଅବିଚାର ବିରୋଧରେ ପ୍ରତିବାଦ ନିଷ୍ପତ୍ତି

## ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

ବ୍ରହ୍ମପୁର ଅଫିସ,୩।୩


ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ ।

ସହର ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକ ବ୍ୟାଙ୍କ୍ କଲୋନୀସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସରକାର ସହରତଳି ଅଞ୍ଚଳକୁ ସାମିଲ ନ କରି ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ସରି ନ ଥିବା ବେଳେ ପୌର ନିର୍ବାଚନ କରୁଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସରକାର ୨୦୦୮ରେ ନିଜେ ଦେଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇ ଉଭୟ ପଞ୍ଚାୟତ ତଥା ପୌର ନିର୍ବାଚନ କରୁଥିବାରୁ ଆଗାମୀ ପ୍ରତିବାଦ ନେଇ ଆଲୋଚନା କରାଯାଇଥିଲା। ମିଳିତ କ୍ରିୟାନୁଷ୍ଠାନ କମିଟି ବାରମ୍ବାର ଦାବି, ଆନ୍ଦୋଳନ ଏପରିକି ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତ୍ୱରିତ ପଦକ୍ଷେପ ନ ନେଇ ନିର୍ବାଚନ ଘୋଷଣା କରିଥିବାରୁ କମିଟି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଆକ୍ରୋଶ ଓ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଅଦାଲତ ଦେଇଥିବା ସମୟ ସୀମା ସରି ନ ଥିବାରୁ ନିର୍ବାଚନ ବନ୍ଦ ନେଇ ଅଦାଲତର ଦ୍ୱାରସ୍ଥ ସମ୍ଭବ ନୁହଁ। ଅଦାଲତ ପ୍ରଦତ୍ତ ସମୟ ସୀମା ପରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେବାରେ ଯଦି ବିଫଳ ହୁଅନ୍ତି ତେବେ ସେ କ୍ଷେତ୍ରରେ ଅଦାଲତ ଆଦେଶ ଅବମାନନା ମାମଲା ସରକାରଙ୍କ ବିରୋଧରେ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥିସହ ସହର ତଳି ଅଞ୍ଚଳ ପ୍ରତି ରାଜନୈତିକ ଅବିଚାର ଓ ଅନ୍ୟାୟ ବିରୋଧରେ ରାଜନୈତିକ ସ୍ତରରେ ପ୍ରତିବାଦ ଓ ମୁକାବିଲା କରାଯିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସଂଘ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ସଂଘ କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପାଇଛା, ଉପସଭାପତି ହରିହର ନାୟକ, ସାଧାରଣ ସମ୍ପାଦକ ଡ.ଶିବ ପ୍ରସାଦ ମିଶ୍ର ଓ ଉପଦେଷ୍ଟା ପ୍ରଫେସର ରଙ୍ଗନାଥ ମିଶ୍ର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ର, ସହ ସମ୍ପାଦକ ବି.ଭି.ସାଗର, ଯୁଗ୍ମ ସଂଗଠନ ସହସମ୍ପାଦକ ଶ୍ରୀମନ୍ତ ପାଣିଗ୍ରାହୀ, ସହ ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପାଣିଗ୍ରାହୀ, ସଂଯୋଜକ ସି.ଏଚ. ରାମକ୍ରିଷ୍ଣ ଦାସଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅପରେଶନ ଗଙ୍ଗା ସହାୟତାରେ ଫେରିଲେ ଲିପି

ବ୍ରହ୍ମପୁର ଅଫିସ,୩।୩


ଲିପି ମହାପାତ୍ର ।

ୟୁକ୍ରେନରେ ଫସିଥିବା ବ୍ରହ୍ମପୁର ବିଜୟ ବିହାରର ଏମ୍‌ବିବିଏସ୍ ଛାତ୍ରୀ ଲିପି ମହାପାତ୍ର ଗୁରୁବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଗତ ସପ୍ତାହେ ଧରି ୟୁକ୍ରେନ ଉପରେ ରୁଷର ଆକ୍ରମଣ ଫଳରେ ସେଠାରେ କ୍ୱିଭ ସ୍ଥିତ ଭାରତୀୟ ଦୂତାବାସ କେନ୍ଦ୍ରରେ ଲିପିଙ୍କ ସମେତ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଫସି ରହିଥିଲେ। ଭାରତୀୟ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିବା ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅପରେଶନ ଗଙ୍ଗା ଦ୍ୱାରା ଲିପି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲିପି କହିଛନ୍ତି, ୟୁକ୍ରେନରେ ବହୁ ଭାରତୀୟ ଛାତ୍ରୀଛାତ୍ରଙ୍କ ସମେତ ସେଠାରୁ ତାଙ୍କ ସହ ପଢୁଥିବା ବ୍ରହ୍ମପୁରର ଅନ୍ୟ ଦୁଇ ସହପାଠୀ ଏବେ ମଧ୍ୟ ବିପଦରେ ଅଛନ୍ତି। ଏମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରାଯାଉ। ସୂଚନାଯୋଗ୍ୟ, ଫେବୃୟାରୀ ୨୪ରେ ଭାରତ ଫେରିବା ନିମନ୍ତେ ଖର୍କିଭ୍‌ରୁ କ୍ୱିଭ ପହଞ୍ଚିବା ପରେ ଅଚାନକ କ୍ୱିଭ ଉପରେ ରୁଷର ଆକ୍ରମଣ ଯୋଗୁ ବହୁ ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲିପି ମଧ୍ୟ ସେଠାରେ ପହଞ୍ଚିଥିଲେ। ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ସେଠାରେ ଭୟ, ଆଶଙ୍କା ଏବଂ ଅନିଶ୍ଚିତତା ମଧ୍ୟରେ ଥିବା ବେଳେ ଲିପି ୨୮ଜଣଙ୍କ ସମେତ କ୍ୱିଭସ୍ଥିତ ଭାରତୀୟ ଦୂତାବାସରେ ଆଶ୍ରୟ ନେଇଥିବା ଅନ୍ୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପୋଲାଣ୍ଡ ବର୍ଡର ଅଭିମୁଖେ ଯାତ୍ରା କରିଥିଲେ। ମାର୍ଚ୍ଚ ୧ ସୁଦ୍ଧା ପୋଲାଣ୍ଡ ବର୍ଡରରେ ପହଞ୍ଚିଥିଲେ। ସେଠାରେ ପୋଲାଣ୍ଡସ୍ଥିତ ଭାରତୀୟ ଦୂତାବାସ କେନ୍ଦ୍ରର ଅଧିକାରୀମାନେ ୟୁକ୍ରେନ ଫେରନ୍ତା ଛାତ୍ରୀଛାତ୍ରଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ସହ ସେମାନଙ୍କୁ ରହିବା ଓ ଖାଇବା ବନ୍ଦୋବସ୍ତ କରିଥିଲେ। ମାର୍ଚ୍ଚ ୨ ରାତି ପ୍ରାୟ ୧୧ଟାରେ ଲିପିଙ୍କ ସମେତ ଅନ୍ୟମାନେ ଭାରତୀୟ ବାୟୁସେନା ଓ ଅନ୍ୟ ଅଧିକାରୀଙ୍କ ସହାୟତାରେ ବିମାନରେ ସ୍ୱଦେଶ ଫେରିଥିଲେ। ଏଥିରେ ଲିପିଙ୍କ ସମେତ ୨୪ ଜଣ ଓଡ଼ିଆ ଛାତ୍ରୀଛାତ୍ର ମଧ୍ୟ ଗୁରୁବାର ପୂର୍ବାହ୍ନ ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରୁ ଭୁବନେଶ୍ୱର ଫେରିବା ପରେ ବିଳମ୍ବିତ ରାତିରେ ଲିପି ବ୍ରହ୍ମପୁର ବିଜୟ ବିହାରସ୍ଥିତ ଘରେ ପହଞ୍ଚିଥିଲେ।

## ବୁଗୁଡ଼ା ବ୍ଲକ ଅଧ୍ୟକ୍ଷ ପାଇଁ ଚର୍ଚ୍ଚାରେ ଯୁବନେତା

ବୁଗୁଡ଼ା,୩।୩(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟର ବହୁ ଅଭିଜ୍ଞ ନେତାଙ୍କୁ ପରାଜୟର ପଥ ଦେଖାଇ ଥିବାବେଳେ ଅନେକ ନୂଆ ମୁହଁକୁ ବିଜୟୀ କରିଛନ୍ତି। ବୁଗୁଡ଼ା ବ୍ଲକରେ ନୂଆ ମୁହଁରେ ଆଗରେ ଅଛନ୍ତି ଗୋଲିଆ ଗ୍ରାମ ପଞ୍ଚାୟତର ବିଜେଡି ସମର୍ଥିତ ବିଜୟୀ ସମିତି ସଭ୍ୟ ପ୍ରାର୍ଥୀ ମାନସ ରଞ୍ଜନ ପ୍ରଧାନ। ବୁଗୁଡ଼ାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀଟି ବିଜେଡି ନିଜ କବ୍‌ଜାରେ ରଖିବା ସୁନିଶ୍ଚିତ ହୋଇଯାଇଛି। ଗତଥର ମାମି ସେନାପତି ବ୍ଲକ ଅଧ୍ୟକ୍ଷା ହୋଇଥିଲେ। ତେଣୁ ଚଳିତଥର ମହିଳାଙ୍କ ବଦଳରେ ପୁରୁଷ ବ୍ଲକ ଅଧ୍ୟକ୍ଷ ରହିବା ଠିକ୍ ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି। ଗ୍ରାଜୁଏଟ୍ ଯୁବନେତା ମାନସ ରଞ୍ଜନ ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ୮୬୪ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସାଙ୍ଗଠନିକ ଦକ୍ଷତା ସମ୍ପନ୍ନ ମାନସ ରଞ୍ଜନଙ୍କୁ ବ୍ଲକ ଅଧ୍ୟକ୍ଷ କରାଗଲେ ବ୍ଲକରେ ବିଜେଡିର ସାଂଗଠନିକ କଳେବର ବୃଦ୍ଧି ପାଇବ ଓ ଆଗାମୀ ବିଧାନସଭା ନିର୍ବାଚନରେ ଦଳ ପୁନର୍ବାର ବିଜୟ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଦଳୀୟ କର୍ମୀଙ୍କ ମହଲରେ ମତ ପ୍ରକାଶ ପାଇଛି।

## ଗାନ୍ଧୀ ଗ୍ଲୋବାଲ ସ୍କୁଲକୁ ହାୟର ସେକେଣ୍ଡାରି ମାନ୍ୟତା

ବ୍ରହ୍ମପୁର ଅଫିସ,୩।୩

ଗୋଳନ୍ଥରା ସ୍ଥିତ ଗାନ୍ଧୀ ଗ୍ଲୋବାଲ ସ୍କୁଲକୁ କେନ୍ଦ୍ରୀୟ ବୋର୍ଡ ସିବିଏସଇ ନୂଆଦିଲ୍ଲୀ ଦ୍ୱାରା ମାନ୍ୟତାପ୍ରାପ୍ତ ହାଇସ୍କୁଲ ଭାବେ ପଞ୍ଜୀକୃତ ହେବା ସହ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଅନୁମୋଦନ ପ୍ରାପ୍ତ କରିଛି। ଏହି ବିଦ୍ୟାଳୟର ଅତ୍ୟାଧୁନିକ ଶ୍ରେଣୀ ଗୃହ, ବିଜ୍ଞାନଗାର ଓ ଉନ୍ନତମାନର ଶିକ୍ଷା ପ୍ରଣାଳୀ ଏବଂ ଅଭିଜ୍ଞତା ସମ୍ପନ୍ନ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦ୍ୱାରା ଶିକ୍ଷାଦାନ, ସିବିଏସଇ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। ଏହି ଅନୁମୋଦନ ପ୍ରାପ୍ତ ହେବା ପରେ ବିଦ୍ୟାଳୟ ପକ୍ଷରୁ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପ୍ରଥମ କରି ଯୁକ୍ତ ୨ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ଆନୁସଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଛାତ୍ରୀଛାତ୍ରଙ୍କୁ ପାରମ୍ପରିକ ଶିକ୍ଷା ଦେବା ସହ ଯେଭଳି ଉଚ୍ଚ କୋଟୀର ଏଣ୍ଟ୍ରାନ୍ସ କୋଚିଂ ଦିଆଯାଇପାରିବ, ଏହାର ସୁବନ୍ଦୋବସ୍ତ କରାଯାଇଛି। ଛାତ୍ରୀଛାତ୍ରଙ୍କ ରହିବା ନିମନ୍ତେ ସମସ୍ତ ସୁବିଧା ସହ ଆଇଆଇଟି, ଏନ୍‌ଆଇଟି, ଏଆଇଆଇଏମ୍‌ସ, ଆଇଜର, ନାଇଜର ଓ ଏନ୍‌ଡିଏ ପରି ସର୍ବଭାରତୀୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ ସେ ନେଇ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା


ସଫଳତା ହାସଲ କରିଥିବା ଛାତ୍ର ଓ ଶିକ୍ଷାନୁଷ୍ଠାନର ଶିକ୍ଷକ ବୃନ୍ଦ।

ବ୍ରହ୍ମପୁର ଅଫିସ,୩।୩

## ଏନ୍‌ଆରଟିଏସ୍ ପରୀକ୍ଷା

୨୦୨୧ ଶିକ୍ଷାବର୍ଷର ପ୍ରକାଶିତ ଏନ୍‌ଆରଟିଏସ୍ ପରୀକ୍ଷାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରମାନେ ସଫଳତା ହାସଲ କରିଛନ୍ତି । ରଙ୍ଗେଇଲୁଣ୍ଡା ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ୮ମ ଶ୍ରେଣୀ ଜାତୀୟ ଗ୍ରାମାଞ୍ଚଳ ମେଧା ଅନ୍ୱେଷଣ (ଏନ୍‌ଆରଟିଏସ୍) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ପ୍ରଥମ ୧୦ଜଣଙ୍କ ମଧ୍ୟରୁ ବିଦ୍ୟାଳୟର ୩ଜଣ ର୍‍ୟାଙ୍କ ରଖି ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ରାହୁଲ୍ ମଲ୍ଲିକ, ଶିବାନନ୍ଦ ଶବର ଓ ଶୁଭମ୍ ପ୍ରସନ୍ନ ନାୟକ। ଛାତ୍ରୀଛାତ୍ରଙ୍କ ଏହି ରାଜ୍ୟସ୍ତରୀୟ ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତ ସଭାପତି ଡ.ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତି ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ସୁଦର୍ଶନ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି, ଅଷ୍ଟମ ଶ୍ରେଣୀର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ସମସ୍ତ ଅଭିଭାବକଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## କାଶୀନଗର ଏନ୍‌ଏସି ଦ୍ୱିତୀୟ ଦିବସରେ ୬ ନାମାଙ୍କନ ପତ୍ର ବିକ୍ରି

କାଶୀନଗର,୩।୩

ଗଜପତି ଜିଲାର ଏକମାତ୍ର ଏନ୍‌ଏସି କାଶୀନଗରରେ ଦୀର୍ଘଦିନ ହେଲା ନିର୍ବାଚନ ହୋଇନଥିଲା। ନିର୍ବାଚନ ତାରିଖ ଘୋଷଣା ପରଠାରୁ ଏଠାରେ ରାଜନୀତି ସରଗରମ ହେଉଛି। ପଞ୍ଚାୟତ ନିର୍ବାଚନରେ ବିଜେଡି ବାଜିମାତ କଲା ପରେ କାଶୀନଗର ଏନ୍‌ଏସି ଦଖଲ ଲକ୍ଷ୍ୟରେ ରହିଛି। ବିଜେଡି ଅଧ୍ୟକ୍ଷା ପଦବୀ ନିମନ୍ତେ ବହୁ ଆଶାୟୀ ଥିଲା ବେଳେ ଭାଜପାର ଅଧ୍ୟକ୍ଷା ପ୍ରାର୍ଥିନୀ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିଜେଡିର ପୂର୍ବତନ ଅଧ୍ୟକ୍ଷା ଏସ୍.ସୁଧାରାଣୀ ଓ ଜିଲା ବିଜେଡି ଉପସଭାପତି ସ୍ୱାମୀଙ୍କ ନାମ ଚର୍ଚ୍ଚାକୁ ଆସୁଛି। କାଉନସିଲର ପଦବୀ ନିମନ୍ତେ ଦୁଇ ଦଳ ବିଜେଡି ଓ ଭାଜପାର ବୈଠକମାନ ହେଉଛି। ଗୁରୁବାର ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିନରେ କାଉନସିଲର ନିମନ୍ତେ ୱାର୍ଡ ୧, ୨ ଓ ୩ ପାଇଁ ୬ ଜଣ ନାମାଙ୍କନ ପତ୍ର ନେଇଛନ୍ତି।

# ଅଜ୍ଞାତବାସରେ ୧୫ ସମିତି ସଭ୍ୟାସଭ୍ୟ


ବିଜେଡି ଶିବିରରେ ଥିବା ସମିତିସଭ୍ୟମାନେ।

ଦାରିଙ୍ଗବାଡି,୩।୩(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦ ହାତେଇବାକୁ ପ୍ରୟାସ ଜୋରଦାର କରିଛି । ବିଜେଡି ଶ୍ରୀନିକେତା ସମିତିସଭ୍ୟ ତଥା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନଙ୍କ ସାନଭାଇ ସୁଶାନ୍ତ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ କରୁଛି। ମୋଟ ୨୫ ପଞ୍ଚାୟତ ମଧ୍ୟରୁ ୧୩ ସମିତି ସଭ୍ୟ ଯାହାକୁ ଭୋଟ ଦେବେ ସେ ବ୍ଲକ ଅଧ୍ୟକ୍ଷ ମୁକୁଟ ପିନ୍ଧିବେ। ଏଥିପାଇଁ କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଲଢେଇ ହେବାକୁ ରହିଥିବା ବେଳେ କଂଗ୍ରେସ ଗଦାପୁର ସମିତିସଭ୍ୟା ରୁଦା ମଲ୍ଲିକ କିମ୍ବା ସିକାବର୍ଗ ସମିତସଭ୍ୟ ଶ୍ୟାମଘନ ପ୍ରଧାନଙ୍କୁ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ବିଜେଡି ସମର୍ଥିତ ୧୫ ସଦସ୍ୟ ନିଜ ପଞ୍ଚାୟତ ଛାଡି ଏବେ ବିଜେଡି ଶିବିରରେ ରହିଛନ୍ତି। ଆହୁରି ଏକାଧିକ ସଦସ୍ୟ କୁଆଡେ ବିଜେଡିକୁ ସମର୍ଥନ କରିବେ ବୋଲି ଯୋଗାଯୋଗରେ ରହିଥିବା ବିଜେଡିର ବ୍ଲକ ପ୍ରାର୍ଥୀ ସୁଶାନ୍ତ ଏବଂ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି । ତେବେ ମ୍ୟାଜିକ ନମ୍ବର ୧୩ କୁହାଯାଉଥିବା ବେଳେ ଏହାଠାରୁ ଅଧିକ ସମର୍ଥକ ବିଜେଡି ହାତରେ ବୋଲି କୁହାଯାଉଛି ।

## ଶିବ ସନ୍ଦେଶ ଅଭିଯାନ ଉଦ୍‌ଯାପିତ

ଭଞ୍ଜନଗର,୩।୩(ଡି.ଏନ.ଏ)

ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଞ୍ଜନଗର ଶାଖା ପକ୍ଷରୁ ସପ୍ତାହ ବ୍ୟାପୀ ବାହାରିଥିବା ଶିବ ସନ୍ଦେଶ ଅଭିଯାନ ଗୁରୁବାର ଉଦ୍‌ଯାପିତ ହୋଇଛି। ଭଞ୍ଜନଗର ସହରରେ ଏଥିପାଇଁ ଏକ ଶୋଭାଯାତ୍ରା ସହ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ସଭା ହୋଇଥିଲା। ଭଞ୍ଜନଗର ତହସିଲଦାର ଆଲୋକ କୁମାର ପ୍ରଧାନ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କେନ୍ଦ୍ରର ସଂଯୋଜିକା ବ୍ରହ୍ମାକୁମାରୀ ସନ୍ତୋଷିନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ବିଏମ୍‌ସି ନିର୍ବାଚନ ପାଇଁ ପ୍ରଥମ ନାମାଙ୍କନ

- କୌଣସି ଦଳର ହୋଇନି ପ୍ରାର୍ଥୀ ମନୋନୀତ
- ୨ ଦିନରେ ମେୟର ଲାଗି ୪ ଫର୍ମ କିଣିଛନ୍ତି ଆଶାୟୀ

ବ୍ରହ୍ମପୁର ଅଫିସ,୩।୩

ବ୍ରହ୍ମପୁର ମହାନଗର ପୌର ନିର୍ବାଚନ ପାଇଁ ନାମାଙ୍କନର ଦ୍ୱିତୀୟ ଦିନ ଗୁରୁବାର ୨୬ନଂ. ୱାର୍ଡ ନିମନ୍ତେ ପୂର୍ବତନ କାଉନସିଲର ଶରତ ଚନ୍ଦ୍ର ପଣ୍ଡା ସ୍ୱାଧୀନ ଭାବେ ପ୍ରଥମ ପ୍ରାର୍ଥୀପତ୍ର ରିଟର୍ନିଂ ଅଫିସର ତଥା ଉପଜିଲାପାଳଙ୍କ ଦପ୍ତରରେ ଦାଖଲ କରିଛନ୍ତି। ଅପରପକ୍ଷରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ଓ ବାମପନ୍ଥୀ ସିପିଏମ୍ ଓ ସିପିଆଇ ପକ୍ଷରୁ ଅଦ୍ୟାବଧି ପ୍ରାର୍ଥୀ ମନୋନୀତ ହୋଇ ନ ଥିବା ବେଳେ ଗୁରୁବାର ମେୟର ଲାଗି ୨ ଏବଂ କର୍ପୋରେଟର ପାଇଁ ୮୯ ଫର୍ମ ବିକ୍ରି ହୋଇଛି। ସୂଚନାଯୋଗ୍ୟ, ଦୁଇ ଦିନରେ କର୍ପୋରେଟର ନିମନ୍ତେ ୧୪୭ ଏବଂ ମେୟର ପାଇଁ ୪ ଫର୍ମ ଆଶାୟୀମାନେ କିଣି ନେଇଛନ୍ତି। ସୂଚନାଯୋଗ୍ୟ, ବିଜେଡିର କର୍ପୋରେଟର ଆଶାୟୀ ସଂଖ୍ୟା ଦୁଇ ଶତାଧିକ ହୋଇଥିବାରୁ ଏହା ବିଧାୟକ, ଏମ୍‌ପି ଓ ଦଳର ଜିଲା ସଭାପତିଙ୍କ ମୁଣ୍ଡବିନ୍ଧା ହୋଇଛି। ସକାଳୁ ରାତି ଯାଏ ବିଧାୟକଙ୍କ ବାସଭବନ ଏବଂ ଜିଲା କାର୍ଯ୍ୟାଳୟରେ ଆଶାୟୀଙ୍କ ନାହିଁ ନ ଥିବା ଗହଳି ହେଉଛି। ସେହିପରି ମେୟର ପଦ ମହିଳାଙ୍କ ଲାଗି ସଂରକ୍ଷିତ ଥିବାରୁ ଶଙ୍ଖ ଦଳର ନେତ୍ରୀଙ୍କ ସଂଖ୍ୟା ଲମ୍ବିବାରେ ଲାଗିଛି। ତାଲିକା ପ୍ରକାଶିତ ନ ହେବା ପୂର୍ବରୁ ମିଳିବା ଆଶାରେ ଉଭୟ ପଦ ପାଇଁ ଆଶାୟୀମାନେ ଆଗୁଆ ଫର୍ମ ପୂରଣ ଏବଂ ସତ୍ୟପାଠ ପ୍ରସ୍ତୁତ କରୁଥିବା ଅଦାଲତ ପରିସରରେ ଦେଖିବାକୁ ମିଳୁଛି।

ବିଏମ୍‌ସିର ପୌର ନିର୍ବାଚନରେ ଏଥର ଶାସକ ବିଜେଡିର ଅନେକ ଆଶାୟୀ ଟିକେଟରୁ ବଞ୍ଚିତ ହେବେ ଏବଂ ସେମାନେ ବିଦ୍ରୋହୀ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ମୁଖ୍ୟ ବିରୋଧୀ ଭାଜପା ସତର୍କ ଧ୍ୟାନ ରଖିଛି। ଶାସକ ଦଳର ଅସନ୍ତୁଷ୍ଟଙ୍କୁ ଭାଜପାରେ ସାମିଲ କରି ପ୍ରାର୍ଥୀ କରିବା ପାଇଁ ରଣନୀତି ଚଳାଇଛି। କଂଗ୍ରେସର ସ୍ଥିତି ଦୁର୍ବଳ ଥିବା ଏବଂ ନେତୃତ୍ୱ ସଙ୍କଟ ଲାଗି ରହିଥିବାରୁ ବିଜେଡିରୁ ବାଦ୍ ପଡ଼ିବାମାନେ ଭାଜପାକୁ ଡେଇଁବାର ଅନୁମାନ କରାଯାଇଛି। ତେଣୁ ଚଳିତ ପୌର ରାଜନୀତି ରୋଚକ ହେବାର ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ବହୁ ବିଳମ୍ବରେ କଂଗ୍ରେସର ମାନସମନ୍ଥନ ବୈଠକ ବାପୁଜୀ ଆଶ୍ରମରେ ଅନୁଷ୍ଠିତ ହୋଇ ପଞ୍ଚାୟତ ନିର୍ବାଚନର ବିଫଳତା ନେଇ ସମୀକ୍ଷା କରାଯାଇଛି। ବୈଠକରେ ପିସିସି ପକ୍ଷରୁ ଆସିଥିବା ତଥା ଗତ ସାଧାରଣ ନିର୍ବାଚନରେ ବ୍ରହ୍ମପୁରର ଦଳୀୟ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀ ସଂଯୋଜନା କରିଥିଲେ। ଏଥିରେ ଦୀର୍ଘଦିନରୁ ସଂଗଠନରୁ ଦୂରେଇ ରହିଥିବା ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ତ୍ରିନାଥ ବେହେରା, ଆଇଏନଟିୟୁସି ଜିଲା ସଭାପତି ପୀତବାସ ପଣ୍ଡାଙ୍କ ସମେତ ବୃନ୍ଦାବନ ଖଟେଇ, ସାଇରାମ ପାତ୍ର ଏବଂ ଜିଲା କମିଟିର ଦଣ୍ଡପାଣି ପାତ୍ର ଓ ଅନ୍ୟମାନେ ଯୋଗ ଦେଇଥିଲେ। ମେୟର ପଦ ଏବଂ କର୍ପୋରେଟର ନିମନ୍ତେ ମିଳିଥିବା ଆବେଦନପତ୍ର ସମ୍ପର୍କରେ ଆଲୋଚନା ହୋଇଥିଲା।

# କାୟାକଳ୍ପ ପ୍ରକଳ୍ପ ଅଧିକାରୀଙ୍କ ପରିଦର୍ଶନ



ଫିରିଙ୍ଗିଆ ସିଏଚ୍‌ସିରେ ପ୍ରତିନିଧି ଦଳ।

ଫୁଲବାଣୀ ଅଫିସ, ୩।୩

ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ସ୍ୱଚ୍ଛ ଓ ପରିମଳ ବିଭାଗରେ ପ୍ରତ୍ୟେକ ବର୍ଷ ପୁରସ୍କୃତ କରାଯାଉଛି। ଏହି ପୁରସ୍କାର ପାଇଁ ରାଜ୍ୟ କାୟାକଳ୍ପ ପ୍ରକଳ୍ପର ଅଧିକାରୀମାନେ କନ୍ଧମାଳ ଜିଲାରେ କ୍ଷେତ୍ର ଅନୁଧ୍ୟାନ ଆରମ୍ଭ କରିଛନ୍ତି। ଏକ ୩ ଜଣିଆ ପ୍ରତିନିଧି ଦଳ ଫୁଲବାଣୀ ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ବୁଲି ଦେଖିବା ପରେ ଗୁରୁବାର ଫିରିଙ୍ଗିଆ, ତୁମୁଡିବନ୍ଧ ଏବଂ କ.ନୂଆଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖିଛନ୍ତି। ଶୁକ୍ରବାର ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ, ବାରଖମା ଓ ଦାରିଙ୍ଗିବାଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି। ଅଧିକାରୀମାନେ ଫାଇନାଲ ରିପୋର୍ଟ ବିଭାଗ ନିର୍ଦ୍ଦେଶାଳୟକୁ ପ୍ରଦାନ କରିବେ। ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ ହେଉଥିଲେ ପୁରସ୍କାର ମିଳିବ।

